## ଶ୍ୱଶୁର ଘରକୁ ଯିବାବେଳେ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ସୋରଡ଼ା, (ଡି.ଏନ୍.ଏ): ସୋରଡ଼ା ଭଞ୍ଜନଗର ରାସ୍ତା ବିଭୂତିଆ ନିକଟରେ ଗୁରୁବାର ସନ୍ଧ୍ୟାରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଧରାକୋଟ ନିକଟ ଜାହାଡ଼ା ଗ୍ରାମର ସୀମାଞ୍ଚଳ ନାଇକ ବାଇକ ଯୋଗେ ଗୋପାଳପୁର ଶାସନ ଶ୍ୱଶୁର ଘରକୁ ଯାଉଥିଲେ। ବିଭୂତିଆ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ପିଟି ହୋଇଯାଇଥିଲେ। ଖବରପାଇ ଦମକଳ ବାହିନୀ ପହଞ୍ଚି ଗୁରୁତର ସୀମାଞ୍ଚଳଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏସ୍‌ଆଇ ସୁନୀଲ କଣ୍ଡୋଗୋରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ସଂକ୍ଷେପରେ

### ତହସିଲଦାରଙ୍କ ଚଢ଼ାଉ, ଜରିମାନା ଆଦାୟ

ଖଲ୍ଲିକୋଟ,୫।୧(ଡି.ଏନ୍.ଏ.): ଖଲ୍ଲିକୋଟ ତହସିଲ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଚାଲାଣ ହେଉଥିବା ମୋରମ,ପଥର, ଇଟା ଆଦି ଉପରେ ଚଢ଼ାଉ କରାଯାଇଛି। ଖଲ୍ଲିକୋଟ ତହସିଲଦାର ରାଜକିଶୋର ପଟ୍ଟନାୟକ ବେଆଇନ ଭାବେ ଲଘୁ ଖଣିଜ ଚଳାଣ କରୁଥିବା ଟ୍ରାକ୍ଟର, ଜେସିବି ମେଶିନ ଜବତ କରିଥିଲେ। ଏ ବାବଦରେ ଏକଲକ୍ଷ ପଚାଶ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏପରି ଚଢ଼ାଉ ଜାରି ରହିବ ଚୋରା ଚାଲାଣ କାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ।

### ବ୍ରେଲି ଦିବସ ପାଳିତ

ଆର. ଉଦୟଗିରି ୫।୧ (ଡି.ଏନ୍.ଏ): ଗଜପତି ଜିଲା ମୋହନା କୃଷ୍ଣଚନ୍ଦ୍ର ମୂକ ଓ ବଧିର ବିଦ୍ୟାଳୟ ପକ୍ଷରୁ ଲୁଇସ ବ୍ରେଲିଙ୍କ ୨୧୪ ଜନ୍ମଦିନ ପାଳନ କରାଯାଇଛି। ଜିଲାରେ ୧୬ ହଜାର ଦିବ୍ୟାଙ୍ଗ ପଞ୍ଜିକୃତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫୨ ଦୃଷ୍ଟିହୀନ ଅଛନ୍ତି। ସମସ୍ତ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ବ୍ରେଲି ଲିପିରେ ପାଠ ପଢ଼ିବାର ସୁଯୋଗ ଦେବାକୁ ସବୁ ପ୍ରକାର ସହଯୋଗ କରାଯିବ ବୋଲି ବିଦ୍ୟାଳୟର ସମ୍ପାଦକ ଦଣ୍ଡାସି ସାହୁ କହିଛନ୍ତି। ମୁଖ୍ୟ ଅତିଥି ଭାବେ ମଧୁସୂଦନ ପାଢ଼ୀ, ମୁଖ୍ୟବକ୍ତା ପ୍ରଶାନ୍ତ ବୀର, ସମ୍ମାନିତ ଅତିଥି ସୁରେନ୍ଦ୍ର ଜେନା ଓ ଉପଦେଷ୍ଟା ରବି ସାହା ପ୍ରମୁଖ ଯୋଗଦେଇଥିଲେ।

### ଅମଳ ମେଶିନ୍‌ରେ ନିଆଁ ୪ ଧାନଗଦା ଜଳିଗଲା

ଧରାକୋଟ,୫।୧(ଡି.ଏନ୍.ଏ.)- ଧରାକୋଟ ନିକଟସ୍ଥ କୁସରବ ଗ୍ରାମର ଚାଷୀ ପ୍ରଫୁଲ୍ଲ ରାଉତଙ୍କ ଧାନଗଦା ପୋଡ଼ି ପାଉଁଶ ହୋଇଛି। ପ୍ରଫୁଲ୍ଲ ମେଶିନ ଲାଗିଥିବା ଟ୍ରାକ୍ଟର (ଓଡ଼ି ୩୨ ଏ୨୭୩୩)ରେ ଧାନ ଅମଳ କରୁଥିବା ବେଳେ ଶର୍ଟ ସର୍କିଟ ଯୋଗୁ ସେଥିରେ ନିଆଁ ଲାଗି ଯାଇଥିଲା। ଏହାଫଳରେ ନିକଟରେ ଥିବା ଏକ ଏକର ଜମିର ୪ଟି ଧାନଗଦା ସହ ଟ୍ରାକ୍ଟର ମଧ ଜଳି ପୋଡ଼ି ନଷ୍ଟ ହୋଇଯାଇଛି । ଧରାକୋଟ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସ୍ତରରେ କ୍ଷୟକ୍ଷତିର ଆକଳନ କରି ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

### ପଞ୍ଚାୟତ ମହାବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୫।୧ ହକି ବିଶ୍ୱକପ୍ ଉପଲକ୍ଷେ ଫିରିଙ୍ଗିଆ ବ୍ଲକ ପଞ୍ଚାୟତ ମହାବିଦ୍ୟାଳୟ ଖେଳ ପଡିଆରେ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧକ୍ଷା ନମିତା କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଫିରିଙ୍ଗିଆ ସରପଞ୍ଚ ଜଳନ୍ଧର କହଁର, ପବିଙ୍ଗିଆ ସରପଞ୍ଚ ଲାଲମୋହନ କହଁର, ଏପିଓ ସୁମନ୍ତ ଉଠାନ୍ ସିଂ ପ୍ରମୁଖ ଯୋଗ ଦେଇଥିଲେ । ସେମାନେ ଏହି କ୍ରୀଡା ପ୍ରତିଯୋଗିତାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଅବଗତ କରିଥିଲେ । ଛାତ୍ରୀଛାତ୍ରଙ୍କ ମଧରେ କବାଡି, ରଙ୍ଗୋଲି, ଖୋଖୋ, ଦୌଡ଼ ପ୍ରତିଯୋଗିତା କରାଯାଇଥିଲା। ମହାବିଦ୍ୟାଳୟ ତରଫରୁ ଏକ ରାଲି ବାହାରି ସହର ପରିକ୍ରମା କରିଥିଲା। ମହାବିଦ୍ୟାଳୟ ଅଧକ୍ଷ ନବଘନ ସାହୁ, ସନ୍ଧ୍ୟାରାଣୀ ପାଢ଼ୀ, ହରପ୍ରିୟା ମିଶ୍ର, ଜିପୁନ ମୁଖି, ପ୍ରଦୀପ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ୪ ଗୋରୁ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ

**ସୋରଡ଼ା,୫।୧(ଡି.ଏନ୍.ଏ.):**

ଗୋରୁ ବ୍ୟବସାୟ କରୁଥିବା ୪ ଜଣଙ୍କୁ ଗୁରୁବାର ମରଣାନ୍ତକ ଆକ୍ରମଣ ହୋଇଛି। ସମସ୍ତଙ୍କୁ ସୋରଡ଼ା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି।

ସ୍ଥାନୀୟ ଜରଉ ଛକ ରାସ୍ତା ପାର୍ଶ୍ୱରେ ଭୋର୍‌ରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ଜଣେ ଯୁବକ ଛଟପଟ ହେଉଥିବା ଖବରପାଇ ସୋରଡ଼ା ଥାନା ଏସ୍‌ଆଇ ସୁନିଲ କଣ୍ଡୋଗୋରି ପହଞ୍ଚିଥିଲେ। ତୁରନ୍ତ ଦମକଳ ବାହିନୀକୁ ଖବରଦେଇ ତାଙ୍କୁ ମେଡିକାଲ ଆଣିଥିଲେ। ଯୁବକ ଜଣକ ଦିଗପହଣ୍ଡି ନିକଟ ମୁକୁନ୍ଦପୁର ଗ୍ରାମର ସୁରଥ ନାୟକ (୨୯)। ସେ ଜଣେ ଡ୍ରାଇଭର। ପରେ ସେହି ସମୟରେ ସୁରେଖାଦେଇପୁରର ରାଜୁ ସ୍ୱାଇଁ (୫୫) ଓ ବାୟା ଗୌଡ଼ (୬୦) ମଧ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଥିଲେ। ରାଜା ନାୟକ ନାମକ ଆଉ ଜଣେ ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ଭଞ୍ଜନଗର ପଠାଯାଇଛି। ଏମାନେ ସମସ୍ତେ ବ୍ୟବସାୟ ଲାଗି ଯାଉଥିଲେ ବୋଲି ଜଣାପଡିଛି। ପ୍ରତି ଗୁରୁବାର ଗଜପତି ଜିଲା ମୋହନାରେ ବସୁଥିବା ଗୋରୁହାଟକୁ ସୋରଡ଼ା ଅଞ୍ଚଳର ଲଠିପଡ଼ା, କୁଳାଙ୍ଗି,ସାରବାଡି,ବଡ଼ଗଡ଼, ଜୟଶୀଙ୍ଗୀ ଅଞ୍ଚଳରୁ ଗୋରୁ ବ୍ୟବସାୟୀମାନେ ଗୋରୁ କିଣି ଉକ୍ତ ହାଟକୁ ବିକ୍ରି ପାଇଁ ନେଇଥାନ୍ତି। ଏହି ବ୍ୟବସାୟୀମାନଙ୍କଠାରୁ କେତେକ ଖଳ ପ୍ରକୃତିର ଲୋକ ବଟି ନେଉଥିବାର ଅନୁମାନ କରାଯାଉଛି। ତେବେ କିଛି ସପ୍ତାହ ହେଲା ଗୋରୁ ବ୍ୟବସାୟୀମାନେ ଆଉ ବଟି ଦେଇ ନ ଥିବାରୁ ସେମାନଙ୍କୁ ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ଆକ୍ରମଣକାରୀ ଯୁବକମାନେ ସଂଘବଦ୍ଧ ଭାବେ ଭୋର୍‌ରୁ ୨/୩ଟି କାର୍, ବୋଲେରୋରେ ଆସି ସୋରଡ଼ା- ବଡ଼ଗଡ଼ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଛନ୍ତି। ଏପରିକି ଜରଉ ସେତୁ ଉପରେ ଗୋରୁ ବୋଝେଇ ଭ୍ୟାନକୁ ଅଟକାଇ ଡ୍ରାଇଭର ସୁରଥଙ୍କୁ ଲହୁଲୁହାଣ କରିଛନ୍ତି। ସୁରଥ ଓ ରାଜା ଗୋଟିଏ ଭ୍ୟାନ୍‌ରେ ଗୋରୁ ନେଇ ଯାଉଥିବା ବେଳେ ସେମାନଙ୍କୁ ଜରଉ ସେତୁ ଉପରେ ଓ ବାୟା ଗୌଡ଼ଙ୍କୁ ବଡ଼ଗଡ଼ ପେଟ୍ରୋଲ ପମ୍ପ ନିକଟରେ, ରାଜୁ ସ୍ୱାଇଁଙ୍କୁ ସୁରେଖାଦେଇପୁର ନିକଟରେ ଆକ୍ରମଣ ହୋଇଛି। ଉକ୍ତ ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ୭/୮ ଜଣ ସମ୍ପୃକ୍ତ ଥିବାର ଅନୁମାନ କରାଯାଉଛି।



ବ୍ୟବସାୟୀଙ୍କ ଗାଡି।

# ମାଙ୍କଡ଼ ଉପଦ୍ରବରୁ ଫସଲ ନଷ୍ଟ


ବିଲରେ ମାଙ୍କଡ଼ପଲ।

**ବୁଗୁଡ଼ା,୫।୧(ଡି.ଏନ୍.ଏ):**
ବୁଗୁଡ଼ା ଅଞ୍ଚଳରେ ମାଙ୍କଡ଼ମାନଙ୍କ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି । ଗ୍ରାମାଞ୍ଚଳରେ ଚାଷୀମାନଙ୍କ ବିଲରେ ପଲପଲ ମାଙ୍କଡ଼ ପଶି ମୁଗ ଓ ବିରି ଖାଇବା ସହ ଫସଲ ଉଜାଡ଼ି ଦେଉଛନ୍ତି । ମାଙ୍କଡ଼ମାନଙ୍କ ଉପଦ୍ରବରେ ଚାଷୀମାନେ ଅତିଷ୍ଠ ହୋଇପଡ଼ିଥିଲେ ସୁଦ୍ଧା କୌଣସି ପ୍ରତିକାର ବ୍ୟବସ୍ଥା କରି ନ ପାରି କ୍ଷତି ସହିବାକୁ ବାଧ ହେଉଛନ୍ତି। ବନ ବିଭାଗକୁ ଅବଗତ କରାଗଲେ ମଧ କୌଣସି ସୁଫଳ ମିଳୁନି। କ'ଣ କଲେ ମାଙ୍କଡ଼ମାନଙ୍କ ଉପଦ୍ରବରୁ ନିସ୍ତାର ମିଳିବ ସେହି ଚିନ୍ତାରେ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । ଅନେକ ସମୟରେ ରାସ୍ତାର ଏପଟରୁ ସେପଟକୁ ଲମ୍ଫମାରି ପାରିହେବା ବେଳେ ଯାନବାହାନର ସମ୍ମୁଖକୁ ଆସିଯିବା ଫଳରେ ଦୁର୍ଘଟଣାମାନ ଘଟୁଛି । ତେବେ ଏଥିରୁ କିପରି ତ୍ରାହି ମିଳିବ ସେ ନେଇ ପ୍ରଶାସନିକସ୍ତରରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ବିଶ୍ୱକପ୍ ହକି ଲାଗି ସଚେତନତା ରାଲି


ଶୋଭାଯାତ୍ରାରେ ସାମିଲ ହୋଇଥିବା କଲେଜ ଛାତ୍ରୀଛାତ୍ର ।

**ଆସିକା,୫।୧(ଡି.ଏନ୍.ଏ.)**

ଆସିକାସ୍ଥିତ ମେକ ମାଇକେଲ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଗୁରୁବାର ବିଶ୍ୱକପ ହକି ଉପଲକ୍ଷେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ଅଶ୍ୱିନୀ କୁମାର ଦାଶ ହକି ଖେଳର ପ୍ରସାର ଲାଗି ରାଜ୍ୟ ସରକାରଙ୍କ ସଂକଳ୍ପବଦ୍ଧ ପ୍ରୟାସ ଓ ବିଶ୍ୱକପ ହକି ପ୍ରତିଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ଆସିକା ସହରର ଖମ୍ବେଶ୍ୱରୀପାଟଣୀ, ହାଟପଦା, ବଜାରସାହି, ନିରଞ୍ଜନ ନଗର, ଅଶୋକା ସିନେମା ରୋଡ, କୁମ୍ଭାର ସାହି ଆଦି ଅଞ୍ଚଳରେ ଛାତ୍ରୀଛାତ୍ରମାନେ ବିଶ୍ୱକପ ହକି ସମ୍ପର୍କରେ ସାଧାରଣରେ ସଚେତନତା ସୃଷ୍ଟି କରିଥିଲେ । ସଂସ୍କୃତ ମହାବିଦ୍ୟାଳୟର ସ୍କାଉଟ, ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କ ସମେତ ମିଳିତ ଉଦ୍ୟମରେ ଅନୁଷ୍ଠିତ ରାଲିରେ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ ।

# ସାମ୍ବାଦିକ ସଂଘର ବନ୍ଧୁମିଳନ

**ବଲସକୁମ୍ପା, ୫।୧**

କନ୍ଧମାଳ ଜିଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ପିଲାସାଲୁଙ୍କି ଡ୍ୟାମରେ ବୁଧବାର ଜିଲା ସାମ୍ବାଦିକ ସଂଘର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ଅରୂପ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ପଟ୍ଟନାୟକ, ଉପସଭାପତି ସମୀର ପାଢ଼ୀ, ସନ୍ତୋଷ ଦିଗାଲ, ପ୍ରମୋଦ ଦଣ୍ଡସେନା, ଅଭିମନ୍ୟୁ ପଣ୍ଡା, ସମ୍ପାଦକ ଶ୍ରବଣ ଦିଗାଲ, ରାମକୃଷ୍ଣ ଚୌଧୁରୀ, ସଂଗଠନ ସମ୍ପାଦକ ଜୟସେନ ପରିଡା ପ୍ରମୁଖ ଯୋଗଦେଇ ଥିଲେ। ବରିଷ୍ଠ ସାମ୍ବାଦିକ ନାରାୟଣ ସାହୁ, ଶିବାନନ୍ଦ ପଟ୍ଟନାୟକ, ସୂର୍ଯ୍ୟ ବେହେରା, ସୂର୍ଯ୍ୟ ନାୟକ, ଅଶୋକ ରାୟ ପ୍ରମୁଖ ନବବର୍ଷର ଅଭିନନ୍ଦନ ଜଣାଇବା ସହିତ ସଂଗଠନକୁ ଆହୁରି ଶକ୍ତିଶାଳୀ ଯେପରି ହେବ ସେଥିପ୍ରତି ସମସ୍ତେ ଆନ୍ତରିକ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ସଂଘର ନୂତନ ଭାବେ ଯୋଗ ଦେଇଥିବା ସାମ୍ବାଦିକଙ୍କୁ ଉପଢୌକନ ସହିତ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଖଜୁରୀପଡ଼ା ବ୍ଲକର କ୍ଷିତିଶ କୁମାର ମଲ୍ଲିକ, ବିକାଶ କୁମାର ଦିଗାଲ, ବିଦୁର ବେହେରା, କୁନା ଦିଗାଲ, ସମୀର ପ୍ରସାଦ ଝଙ୍କାର, ପ୍ରିୟବ୍ରତ ବେହେରା, ଚତୁର୍ଭୁଜ ଦାସ, ପ୍ରତାପ ଦିଗାଲ, ଅଚ୍ୟୁତାନନ୍ଦ ସେଠୀ, ଲଳିତ ମଲ୍ଲିକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସାଧାରଣ ସମ୍ପାଦକ ଅଶୋକ ପରିଡା ସ୍ୱାଗତ ଭାଷଣ ଦେଇଥିଲା ବେଳେ ସଭାପତି ଅରୂପ କୁମାର ଜେନା ଫେବୃୟାରୀ ମାସରେ ବାଲିଗୁଡ଼ାରେ ଏକ ସମାବେଶ କରାଯିବ ବୋଲି ସୂଚନା ଦେଇଥିଲେ।

# ଭିଜିଲାନ୍ସ ଗିରଫ କରିଥିବା ଜେଇ ନିଲମ୍ବିତ

**କାଶୀନଗର,୫।୧**

ଗଜପତି ଜିଲା କାଶୀନଗର ଏନ୍‌ଏସି ଜେଇ ନରେନ୍ଦ୍ର କୁମାର ସାହୁ ଗତ ୨୨ତାରିଖରେ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ଓଡିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପତ୍ର ସଂଖ୍ୟା ୬୪ ଚିଠିରୁ ଜଣାପଡିଛି। ବିଭାଗୀୟ ପ୍ରିନ୍ସିପାଲ ସେକ୍ରେଟାରୀଙ୍କ ନିର୍ଦ୍ଦେଶକ୍ରମେ ମ୍ୟୁନିସିପାଲ ଆଡମିନିଷ୍ଟ୍ରେଶନର ଡାଇରେକ୍ଟର ଏହି ଚିଠି ଲେଖି ତାହାର ନକଲ ଗଜପତି ଜିଲାପାଳ ଓ କାଶୀନଗର ଏନଏସି ନିର୍ବାହୀ ଅଧିକାରୀ ପ୍ରମୁଖଙ୍କ ନିକଟକୁ ପଠାଇଛନ୍ତି। ଜେଇ ଗିରଫ ହେବା ଦିନଠାରୁ ନିଲମ୍ବିତ ହୋଇଛନ୍ତି।

# ବ୍ରହ୍ମପୁରରେ ହେବ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଛତ୍ରପୁର,୫।୧(ଡି.ଏନ୍.ଏ.)**

## ଜିଲାପାଳଙ୍କୁ ଜଣାଇଲେ ଡିଇଓ

ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁରଠାରେ ହେବାକୁ ଥିବା ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଛତ୍ରପୁରରେ ନ ହୋଇ ବ୍ରହ୍ମପୁରରେ ହେବ। ଜିଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରତିଯୋଗିତାର ସ୍ଥାନ ଓ ତାରିଖରେ ପରିବର୍ତ୍ତନ କରାଯାଇଛି । ଏହି ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଛତ୍ରପୁର ବଦଳରେ ବ୍ରହ୍ମପୁରରେ ଆୟୋଜନ କରିବାକୁ ଜିଲା ଶିକ୍ଷା ବିଭାଗ ସ୍ଥିର କରିଛି। ଛତ୍ରପୁରଠାରେ କ୍ରୀଡା ପ୍ରତିଯୋଗିତା ଆୟୋଜନ ପାଇଁ ଅନସ୍ଲୋ ହାଇସ୍କୁଲ ମିନି ଷ୍ଟାଡିୟମ ଓ କ୍ରୀଡା ବିଭାଗର ଛତ୍ରପୁର ଷ୍ଟାଡିୟମ ରହିଛି । ଏଠାରେ ପୋଲିସ ପଡିଆ ମଧ ଅଛି । ଅନସ୍ଲୋ ହାଇସ୍କୁଲ ଖେଳପଡିଆରେ ପ୍ରତିଯୋଗିତା ଲାଗି ପୂର୍ବରୁ ସ୍ଥିର ହୋଇଥିଲେ ମଧ ତାହାକୁ ବ୍ରହ୍ମପୁରରେ ଆୟୋଜନ କରିବା ନିଷ୍ପତ୍ତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ଆସନ୍ତା ୭ରୁ ୯ ତାରିଖ ପର୍ଯ୍ୟନ୍ତ ବ୍ରହ୍ମପୁରର ଏମକେସିଜି ଖେଳ ପଡିଆରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ହେବ । ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ଚିଠି (ନଂ-୧୨୬/୩-୧-୨୩) ଦ୍ୱାରା ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଅନିବାର୍ଯ୍ୟ କାରଣ ଯୋଗୁ ଏହି ପ୍ରତିଯୋଗିତାର ତାରିଖ ଓ ସ୍ଥାନ ବଦଳା ଯାଇଥିବା ଉକ୍ତ ଚିଠିରେ ଦର୍ଶାଯାଇଛି। ଏଥିସହ ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଓ ହାଇସ୍କୁଲର ପ୍ରଧାନଶିକ୍ଷକ ମାନଙ୍କୁ ମଧ ଡିଇଓ ପତ୍ର ଦ୍ୱାରା ଜଣାଇଛନ୍ତି। ଉକ୍ତ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ଛାତ୍ରମାନେ ବ୍ରହ୍ମପୁର ଗଜପତିନଗର ସ୍ଥିତ ଏସଏସଭିଏମ ଓ ବାସୁଦେବନଗର ସ୍ଥିତ ଏମଏସଏସଭିଏମରେ ଏବଂ ଛାତ୍ରୀମାନେ ମେଡିକାଲ କ୍ୟାମ୍ପସ ସରକାରୀ ହାଇସ୍କୁଲରେ ରହିବା ଲାଗି ବ୍ୟବସ୍ଥା କରାଯାଇଥିବା ଚିଠିରେ ଦର୍ଶାଯାଇଛି।

# ବରିଷ୍ଠ ନାଗରିକ ପରିଷଦର ପ୍ରତିଷ୍ଠା ଦିବସ


ବୈଠକରେ ବରିଷ୍ଠ ନାଗରିକମାନେ ।

**ଗଞ୍ଜାମ,୫।୧(ଡି.ଏନ୍.ଏ.)**

ଗଞ୍ଜାମ ପୌରାଞ୍ଚଳ ବରିଷ୍ଠ ନାଗରିକ ପରିଷଦର ୧୮ ତମ ପ୍ରତିଷ୍ଠା ଦିବସ ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଲିଙ୍ଗରାଜ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଗଞ୍ଜାମ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦେବୀ ଏବଂ ଗଞ୍ଜାମ ଏନଏସି ନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ । ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକାରୀ ସଦସ୍ୟ ବିନୋଦ ଚନ୍ଦ୍ର ମହାପାତ୍ର ବାର୍ଷିକୀ ବିବରଣୀ ପାଠ କରିଥିଲେ । ବରିଷ୍ଠ ନାଗରିକ ଆମ ପାଇଁ ପଥପ୍ରଦର୍ଶକ ବୋଲି ବିଡ଼ିଓ ପ୍ରଧାନ କହିଥିଲେ । ଜିଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦେବୀ ଅନୁଷ୍ଠାନ ପାଇଁ ତାଙ୍କର ସହଯୋଗ ଜାରି ରହିବ ବୋଲି ମତ ରଖିଥିଲେ। ବରିଷ୍ଠ ନାଗରିକଙ୍କ ଲାଗି ଏନଏସି ପକ୍ଷରୁ ସହଯୋଗ ଜାରି ରହିବ ନିର୍ବାହୀ ଅଧିକାରୀ ମିଶ୍ର କହିଥିଲେ। ବରିଷ୍ଠ ସଦସ୍ୟ ବିଶ୍ୱନାଥ ଦାସ ଧନ୍ୟବାଦ ଦେଇଥିଲେ। ପ୍ରତିଷ୍ଠାତା ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ।

# ଭାରତ ଯୋଡ଼ୋ ଯାତ୍ରା ପାଇଁ ପ୍ରସ୍ତୁତି

**ପାରଳାଖେମୁଣ୍ଡି, ୫।୧(ଡି.ଏନ୍.ଏ)**

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଗୁରୁବାର ଭାରତ ଯୋଡ଼ୋ ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗଜପତି ଜିଲା କଂଗ୍ରେସ କମିଟି ସଭାପତିଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ପ୍ରଦେଶ କଂଗ୍ରେସ ପକ୍ଷରୁ ଅମିର ଚାନ୍ଦ ନାୟକ ପର୍ଯ୍ୟବେକ୍ଷକ ଭାବରେ ଉପସ୍ଥିତ ଥିଲେ। ଏହି ବୈଠକରେ ସବୁ ବ୍ଲକର ପଦାଧିକାରୀମାନେ ଉପସ୍ଥିତ ରହିଥିଲେ। ମୋହନା ବିଧାୟକ ତଥା ଜିଲା କଂଗ୍ରେସ ସଭାପତି ଦାସରଥି ଗମାଙ୍ଗ, ଅଭିମନ୍ୟୁ ପଣ୍ଡା, ସୁଦର୍ଶନ ପଣ୍ଡା, ମିନ ମଣ୍ଡଳ, ବାଳକୃଷ୍ଣ ମଲିକ, କୁନା ମାଝୀ, ସଂଗ୍ରାମ ସାହୁ, ଗୋପାଳକୃଷ୍ଣ ଦଳେଇ, ଶଙ୍କର ପ୍ରଧାନ, ଯାକବ ରାଇକା, ଲକ୍ଷ୍ମୀ ପାଇକ, ରମେଶ ପ୍ରଧାନୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲା ଉପ ସଭାପତି ବସନ୍ତ ପଣ୍ଡା ପରିଚାଳନା କରିଥିଲେ।

# ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ



ବୈଠକରେ ଉପସ୍ଥିତ ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଓ ଅନ୍ୟମାନେ।

**ପାରଳାଖେମୁଣ୍ଡି, ୫।୧(ଡି.ଏନ୍.ଏ)**

ଗଜପତି ଜିଲାସ୍ତରୀୟ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ-୨୦୨୩ ନେଇ ଏକ ବୈଠକ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଉପଜିଲାପାଳ ଆଲୋକ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଚୂଡ଼ାନ୍ତ ଭୋଟର ତାଲିକା ଗୁରୁବାର ସମସ୍ତ ଭୋଟ ଗ୍ରହଣ କେନ୍ଦ୍ର ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଉପଜିଲାପାଳ ଓ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରକାଶିତ ହୋଇଅଛି। ଜିଲାର ସମୁଦାୟ ଭୋଟର ସଂଖ୍ୟା ୪୩୭୩୧୯, ପୁରୁଷ ୨୧୪୫୨୨, ମହିଳା୨୨୨୭୭୬ ଓ ତୃତୀୟ ଲିଙ୍ଗ ୨୧ ରହିଛନ୍ତି। ଚଳିତ ବର୍ଷଠାରୁ ଭୋଟରମାନେ ୪ଟି ଯୋଗ୍ୟ ତାରିଖକୁ ଭିତ୍ତିକରି ନିଜ ନାମକୁ ଭୋଟର ତାଲିକାରେ ପଞ୍ଜିକରଣ କରିବା ପାଇଁ ଆଗୁଆ ଆବେଦନ କରିପାରିବେ। ଜାନୁୟାରୀ୧, ଏପ୍ରିଲ୧, ଜୁଲାଇ୧ ଓ ଅକ୍ଟୋବର ୦୧ ସୁଦ୍ଧା ଯେଉଁମାନଙ୍କ ବୟସ ୧୭ ବର୍ଷରୁ ଉର୍ଦ୍ଧ୍ୱ ହେଉଥିବ ସେମାନେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ସଂଶୋଧନ କାର୍ଯ୍ୟକ୍ରମରେ ନିଜର ନାମକୁ ଯୋଗକରିବା, ବାଦକରିବା, ସଂଶୋଧନ କରିବା ଓ ଆଧାର ସହିତ ସଂଯୋଗ କରିପାରିବେ। ଅନଲାଇନ ମାଧ୍ୟମରେ www.nvsp./voterportal.eci.gov.in କିମ୍ବା ବୁଥସ୍ତରୀୟ ଅଧିକାରୀଙ୍କଠାରେ 'ଗରୁଡ଼' ଆପ ମାଧ୍ୟମରେ ଆବେଦନ କରିପାରିବେ ବୋଲି ସୂଚନା ଦିଆଯାଇଛି।

# ଘରୁ ଧାନବସ୍ତା ନେଇଗଲେ ହାତୀପଲ

**ଭଞ୍ଜନଗର,୫।୧(ଡି.ଏନ୍.ଏ.)**

## କର୍ମଚାରୀ ଅଭାବ ଦର୍ଶାଇ ବନ ବିଭାଗ ନୀରବ

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ ଜିଲୁଣ୍ଡି ପଞ୍ଚାୟତରେ ୧୦ଦିନ ହେଲା ୧୮ ଟିକିଆ ହାତୀପଲ ଆତଙ୍କ ଜାରି ରଖିଛନ୍ତି। ସନ୍ଧ୍ୟା ହେଲେ ଜଙ୍ଗଲରୁ ବାହାରି ବ୍ୟାପକ ଫସଲ କ୍ଷତି କରିବା ସହ ଘରଦ୍ୱାର ମଧ ଭାଙ୍ଗି ଦେଉଛନ୍ତି । ବୁଧବାର ରାତିରେ ହାତୀପଲ କାଳିଆମ୍ବାର ମଙ୍ଗୁଳି ନାଇକଙ୍କ ଘରୁ ୧୦ ବସ୍ତା ଧାନନେଇ ଖାଇ ଦେଇଛନ୍ତି । ମଙ୍ଗୁଳୁଙ୍କ ଘର ପକ୍କା ଘର ହୋଇଥିଲେ ମଧ ମୁଖ୍ୟ ଦ୍ୱାରରେ ବାଉଁଶ ପାତିରେ ତିଆରି କବାଟ ଲଗାଇଥିଲେ। ହାତୀ ତାହାକୁ ଭାଙ୍ଗି ଶୁଣ୍ଢ ବଢ଼ାଇ ଘରୁ ଧାନ ବସ୍ତା ନେଇ ଯାଇଥିଲେ। ସେ ସମୟରେ ମଙ୍ଗୁଳୁଙ୍କ ପରିବାର ଲୋକେ ଭୟରେ ଅନ୍ୟତ୍ର ଦୌଡ଼ି ପଳାଇ ଜୀବନ ବଞ୍ଚାଇଥିଲେ। ସେହିପରି ସମ୍ପୃକ୍ତ ଗ୍ରାମର ଅନ୍ୟ ଜଣେ ଚାଷୀଙ୍କ ବିନ୍ସ ଚାଷକୁ ମଧ ହାତୀପଲ ଦଳିଚକଟି ନଷ୍ଟ କରିଛନ୍ତି । ଖବରପାଇ ଗୁରୁବାର କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା କାଳିଆମ୍ବାରେ ପହଞ୍ଚି କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଥିଲେ। ହାତୀପଲ କାଳିଆମ୍ବା, ପୁରୁଣାପାଣି, ଘୋଡ଼ାଦାଣ୍ଡି, ଜିଲୁଣ୍ଡି, ମଳାସପଦରରେ ଫସଲ କ୍ଷତି କରୁଛନ୍ତି। ଚାଷୀମାନେ ଫସଲ ସୁରକ୍ଷା ପାଇଁ ରାତି ଉଜାଗର ରହି ହାତୀ ଘଉଡ଼ାଉଛନ୍ତି। ଘୋଡ଼ାଦାଣ୍ଡିର ଜଣେ ଚାଷୀ ହାତୀ ଘଉଡ଼ାଇବା ପାଇଁ ବହୁତ ଖର୍ଚ୍ଚାନ୍ତ ହେଲେଣି । ଅନ୍ୟପଟେ ବିଦ୍ୟୁତ୍ ବିଭାଗ ହାତୀ ସୁରକ୍ଷା ପାଇଁ ସନ୍ଧ୍ୟା ୫ଟାରୁ ପରଦିନ ପୂର୍ବାହ୍ନ ପର୍ଯ୍ୟନ୍ତ ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ୍ କାଟ କରୁଛି । ଘୋଡ଼ାଦାଣ୍ଡିରେ ଫାର୍ମ କରିଥିବା ଅବସରପ୍ରାପ୍ତ ମତ୍ସ୍ୟ ଯାଆଁଳ କେନ୍ଦ୍ରର ପରିଚାଳକ ସରିଫ୍ ଅହମ୍ମଦ, ବରିଷ୍ଠ ଚାଷୀ ଗୁଟାଜି ପ୍ରମୁଖ ଡ଼ିଏଫଓ ସୁଦର୍ଶନ ବେହେରାଙ୍କୁ ଭେଟି ହାତୀ ଘଉଡ଼ାଇବା ପାଇଁ ପଦକ୍ଷେପ ନେବାକୁ ନିବେଦନ କରିଥିଲେ । କିନ୍ତୁ ଡିଏଫଓ କର୍ମଚାରୀ ଅଭାବ ଦର୍ଶାଇ ସମସ୍ୟା ପ୍ରତି ସେଭଳି ଗୁରୁତ୍ୱ ଦେଇ ନ ଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଉତ୍ତର ଘୁମୁସର ବନଖଣ୍ଡରେ ହାତୀ ଘଉଡ଼ାଇବା ପାଇଁ ଅନେକ ଅସ୍ଥାୟୀ କର୍ମଚାରୀ ଥିଲେ। କିଛିମାସ ପୂର୍ବେ ୨ଟି ହାତୀ ମୃତ୍ୟୁକୁ ନେଇ ସମ୍ପୃକ୍ତ କର୍ମଚାରୀମାନଙ୍କ ଅବହେଳା ଦର୍ଶାଯାଇ ୯ ଜଣଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିଲା । ବର୍ତ୍ତମାନ ହାତୀ ଆତଙ୍କ ଚାଲିଥିବା ବେଳେ ଉକ୍ତ ଖାଲିଥିବା ପଦବୀ ପୂରଣ ପ୍ରତି ଧ୍ୟାନ ଦିଆଯାଉନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ରେଞ୍ଜର କୁମର ବେହେରାଙ୍କୁ ପଚାରିବାରୁ ଚାଷୀଙ୍କ ଫସଲ ସୁରକ୍ଷା। ହାତୀକୁ ଘଉଡ଼ାଇବାକୁ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି। ବିଗତ ବର୍ଷ ଗୁଡ଼ିକରେ ଏହି ଅଞ୍ଚଳକୁ ପ୍ରାୟ ହାତୀପଲ ଆସୁ ନ ଥିଲେ। ଚଳିତ ବର୍ଷ ଚାଲିଆସିଛନ୍ତି। ଯେଉଁ ଚାଷୀମାନଙ୍କର ଫସଲ କ୍ଷତି ହୋଇଛି ତୁରନ୍ତ ଚିହ୍ନଟ କରି କ୍ଷତିପୂରଣ ଦେବା ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି।


ରେଞ୍ଜର କୁମର ବେହେରା କ୍ଷୟକ୍ଷତି ଆକଳନ କରୁଛନ୍ତି ।

## ବୁଡ଼ିଯାଇ ବୃଦ୍ଧଙ୍କ ମୃତ୍ୟୁ

ଚିକିଟି,(ଡି.ଏନ୍.ଏ): ଚିକିଟି ବ୍ଲକ ଅନ୍ତର୍ଗତ କେ. ନୂଆଗାଁ ଗ୍ରାମର ଶିବମନ୍ଦିର ନିକଟରେ ଅବସ୍ଥିତ ବନ୍ଧରେ ଗୁରୁବାର ସକାଳେ ବୁଡିଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେହି ହେଉଛନ୍ତି ନୂଆଗାଁ ଗ୍ରାମର ତ୍ରିନାଥ ସେଠି (୭୦)। ଗୋକର୍ଣ୍ଣେଶ୍ୱର ଶିବମନ୍ଦିର ପରିସରରେ ରନ୍ଧା ହୋଇଥିବା ପହିଲି ଭୋଗ ହଣ୍ଡା ମାଜିବା ପାଇଁ ବନ୍ଧକୁ ଯାଇଥିଲେ। ଏକ ହଣ୍ଡା ପୋଖରୀ ଭିତରକୁ ଖସିଯିବାରୁ ବୃଦ୍ଧଜଣକ ହାତ ବଢ଼ାଇବା ବେଳେ ବନ୍ଧ ଭିତରକୁ ଖସି ପଡ଼ିଥିଲେ। ପହଁରା ଜାଣିନଥିବାରୁ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ। ନୂଆଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ ପାଇଁ ବ୍ରହ୍ମପୁର ବଡ଼ମେଡିକାଲକୁ ପଠାଇଥିଲେ। ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ସଂକ୍ଷେପରେ

### ବଡ଼ଖେମୁଣ୍ଡି ହାଇସ୍କୁଲର ବାର୍ଷିକୋତ୍ସବ

ଦିଗପହଣ୍ଡି,୫।୧(ଡି.ଏନ୍.ଏ): ଦିଗପହଣ୍ଡିସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲର ବାର୍ଷିକୋତ୍ସବ ଗୁରୁବାର ବିଦ୍ୟାଳୟ ପରିଚାଳନା ଅଧକ୍ଷ ଏମ. ତ୍ରିନାଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ଏନ୍ଏସି ଅଧକ୍ଷ ପ୍ରଫୁଲ୍ଲ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଏନ୍ଏସିର ପୂର୍ବତନ ଅଧକ୍ଷ ଭି.ରବିନାରାୟଣ ରାଜୁ, ଉପାଧକ୍ଷା କେ. ପୂଜା, ଆଇନଜୀବୀ ପରେଶ ଚନ୍ଦ୍ର ରଥ, ହରପ୍ରସାଦ ରଥ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରସାନନ୍ଦ ଘଡ଼େଇ ଏବଂ ବିଦ୍ୟାଳୟ ପରିଚାଳନା କମିଟି ଉପାଧକ୍ଷା ସଙ୍ଗୀତା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ବିଦ୍ୟାର୍ଥୀମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଖୋଜି ବାହାର କରି ସେମାନଙ୍କୁ ସୁନାଗରିକ ଭାବେ ଗଢ଼ିତୋଳିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁନିଲ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ଉତ୍ସବ ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ସମ୍ପତ୍ତିକୁ ନେଇ ଆକ୍ରମଣ ମାମଲା
### ବଡ଼ଭାଇ ଗିରଫ

ଗୋପାଳପୁର, ୫।୧ (ଡି.ଏନ୍.ଏ): ଗୋପାଳପୁର ଥାନା ଅନ୍ତର୍ଗତ ଲୁହାଙ୍ଗର ପଞ୍ଚାୟତ ଅଧିନସ୍ଥ ବାଦପୁର ଗ୍ରାମରେ ସମ୍ପତ୍ତିକୁ କେନ୍ଦ୍ରକରି ବଡ଼ ଭାଇଙ୍କୁ ଆକ୍ରମଣ ମାମଲାରେ ପୋଲିସ ବୁଧବାର ଦୁଇ ସାନଭାଇଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ମା'ଙ୍କ ପାଲଟା ଅଭିଯୋଗ ଅନୁଯାୟୀ, ପୋଲିସ ଗୁରୁବାର ବଡ଼ପୁଅଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, ବାଦପୁର ଗ୍ରାମର ପୁଷ୍ପା ଗୌଡ଼ଙ୍କ ବଡ଼ପୁଅ ଶଙ୍କରଙ୍କୁ ତାଙ୍କର ଦୁଇ ସାନଭାଇ ତପୁ ଓ ଗୁଣ୍ଡିଚା ମଙ୍ଗଳବାର ଆକ୍ରମଣ କରିଥିଲେ। ସେ ଚିକିତ୍ସାଧୀନ ଥିଲେ। ଏହି ଘଟଣାରେ ପୋଲିସ ବୁଧବାର ଦୁଇ ସନଭାଇଙ୍କୁ ଗିରଫ କରିଥିଲା। ଏହା ପରେ ମା' ପୁଷ୍ପା ଥାନାରେ ଘରବାଡ଼ି ସମ୍ପତିକୁ ନେଇ ଶଙ୍କର ମଧ ତାଙ୍କୁ ଏବଂ ଦୁଇ ଭାଇଙ୍କୁ ଆକ୍ରମଣ କରିଥିଲା ବୋଲି ପାଲଟା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଗୁରୁବାର ଶଙ୍କରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଗଜପତି ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ

ପାରଳାଖେମୁଣ୍ଡି, ୫।୧(ଡି.ଏନ୍.ଏ): ଗଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଜିଲା ଭାଜପା କାର୍ଯ୍ୟାଳୟରେ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲା ଭାଜପା ସଭାପତି ତଥା ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓଙ୍କ ସଭାପତିତ୍ୱରେ ଓଡ଼ିଶା ପ୍ରଭାରୀ ତଥା ଭାଜପାର ଜାତୀୟ ସମ୍ପାଦିକା ଡି. ପୁରନ୍ଦେଶ୍ୱରୀ, ରାଜ୍ୟ ସାଧାରଣ ସମ୍ପାଦକ ମାନସ ମହାନ୍ତି, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ଗଜପତି ଜିଲା ପ୍ରଭାରୀ ସରୋଜ ସାବତ ପ୍ରମୁଖ ଯୋଗଦେଇ ୨୦୨୪ ସାଧାରଣ ନିର୍ବାଚନ ଲାଗି ବୁଥସ୍ତରରେ ଦଳକୁ ମଜଭୁତ କରିବା, ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମର ନିର୍ଦ୍ଧାରଣ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ମୋହନା ଓ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ କାର୍ଯ୍ୟକର୍ତ୍ତା, ବିଭିନ୍ନ ମୋର୍ଚ୍ଚାର ସଭାପତି, ସଭାନେତ୍ରୀଙ୍କ ସମେତ ଜିଲାସ୍ତରୀୟ ନେତୃବୃନ୍ଦ ଯୋଗଦେଇଥିଲେ।

# ମଣ୍ଡିରେ ଅବ୍ୟବସ୍ଥା, ଚାଷୀ ଶୋଷିତ

## ଓଡ଼ିଶା କୃଷକ ସଭା ପକ୍ଷରୁ ସ୍ମାରକପତ୍ର

ଦିଗପହଣ୍ଡି,୫।୧(ଡି.ଏନ୍.ଏ): ଦିଗପହଣ୍ଡିରେ ଖୋଲାଯାଇଥିବା ଧାନ ମଣ୍ଡିଗୁଡ଼ିକରେ ଧାନ ସଂଗ୍ରହରେ ନାନା ଅବ୍ୟବସ୍ଥା ଲାଗିରହିଛି। ଧାନ କ୍ରୟରେ ଚାଷୀଙ୍କୁ ଶୋଷଣ କରାଯାଉଛି। ଏହାର ପ୍ରତିବାଦରେ ଓଡ଼ିଶା କୃଷକ ସଭା, ଦିଗପହଣ୍ଡି ଶାଖା ପକ୍ଷରୁ ଗୁରୁବାର ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ସିପକ କୁମାର ପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କୃଷକ ସଭାର କାର୍ଯ୍ୟକର୍ତ୍ତା ସୁଶାନ୍ତ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଶ୍ୱିନୀ କୁମାର ଦାସ ଓ ଆଇନଜୀବୀ କୁରେଶୁ ପଣ୍ଡା ଅତିଥି ଭାବେ ଯୋଗଦେଇ ଦିଗପହଣ୍ଡି ବ୍ଲକର ଚାଷୀ ସମସ୍ୟା ଉପରେ ଆଲୋକପାତ କରିଥିଲେ।

ଚାଷୀମାନଙ୍କୁ ଧାନ ସଂଗ୍ରହ ପାଇଁ ଅଖା ବାବଦକୁ ଟଙ୍କା ନ ମିଳିବା, ପରିବହନ ଖର୍ଚ୍ଚ ସାଙ୍ଗକୁ ଖଲାସୀ ଖର୍ଚ୍ଚ ନ ମିଳିବା, ପ୍ରତି ଧାନ ମଣ୍ଡିରେ କୁଇଣ୍ଟାଲ ପିଛା ୩/୪ କେଜି ଧାନ କାଟି ଓଜନ କରିବା, ଟୋକେନ ମିଳିବାର ସୂଚନା ଚାଷୀମାନେ ନପାଇବା, ମଣ୍ଡିରେ ପିଣ୍ଡି ବ୍ୟବସ୍ଥା ନଥିବା କାରଣରୁ ଦଲାଲମାନେ ଚାଷୀଙ୍କଠାରୁ କମ୍ ଦାମରେ ଧାନ କିଣିବା ନେଇ ଚାଷୀକୁଳ କ୍ଷତି ଭରଣା କରୁଥିବା ମତବ୍ୟକ୍ତ କରିଥିଲେ। କୃଷକ ସଭା ଶାଖା ସମ୍ପାଦକ ତଥା ଆଇନଜୀବୀ ପି. ଶିବ ଶଙ୍କରଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ଚାଷୀ ସଭାରେ ଉପସ୍ଥିତ ଥିଲେ। ଓଡ଼ିଶା କୃଷକ ସଭାର ସଦସ୍ୟ ଶଶିଭୂଷଣ ରଥ, ହରିଶ୍ଚନ୍ଦ୍ର ସାହୁ, ପୁଷ୍ପଧ୍ୱଜ ସାହୁ, ଭି. ସୁଦର୍ଶନ ରାଜୁ, ରମାକାନ୍ତ ପ୍ରଧାନ, ମିଟୁ ଚଣ୍ଡ, ଲିଙ୍ଗରାଜ ଶବର, ସୂର୍ଯ୍ୟ ନାରାୟଣ, ଘନଶ୍ୟାମ ଦୋରା, ଇପିଲି ନାରାୟଣ, ଏମ. ବିଷ୍ଣୁ, ଇ. ସୀମା, ସୀତାରାମ ଶବର, ଆଲୁ କୁରେଶୁ, ଏ. ଇରେସୁ ପ୍ରମୁଖ ଯୋଗଦେଇଥିଲେ।



ଧାନମଣ୍ଡିରେ ଅବ୍ୟବସ୍ଥା ନେଇ ତହସିଲଦାରଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ଓଡ଼ିଶା କୃଷକ ସଭାର ସଦସ୍ୟ।

# ବୁଦ୍ଧଖୋଲ ମହୋତ୍ସବ ପ୍ରସ୍ତୁତି ବୈଠକ

ବୁଗୁଡ଼ା,୫।୧(ଡି.ଏନ୍.ଏ.)

ଆସନ୍ତା ୨୭ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ବୁଦ୍ଧଖୋଲ ମହୋତ୍ସବ ହେବ। ଯୋଗୁଁ କିଛି ବର୍ଷ ବ୍ୟବଧାନରେ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ବୁଦ୍ଧଖୋଲ ପୁଣି ଦୁଲୁକିବାର ସ୍ପଷ୍ଟ ଆଭାସ ମିଳିଯାଇଛି । ୩ଦିନ ଧରି ହେବାକୁ ଥିବା ଏହି ମହୋତ୍ସବର ସଫଳ ରୂପାୟନ ପାଇଁ ବୁଧବାର ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସମିତି ସଭାପତି ତଥା ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ପୌରୋହିତ୍ୟରେ ବୁଦ୍ଧଖୋଲ ନିକଟ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହୋତ୍ସବ ପାଇଁ ପାଣ୍ଠି ସଂଗ୍ରହ, ଆମନ୍ତ୍ରିତ ସଙ୍ଗୀତଜ୍ଞ ଓ କଳାକାରଙ୍କ ତାଲିକା ପ୍ରସ୍ତୁତି, ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ସହ ଅଞ୍ଚଳର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ଲାଗି ଆଲୋଚନା ହୋଇଥିଲା। ଏଥିସହ ବୁଦ୍ଧଖୋଲ ପାଦଦେଶସ୍ଥ ଇକୋ ପାର୍କର ଉଦଘାଟନ ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା । ମହୋତ୍ସବର ସୁପରିଚାଳନା ନିମନ୍ତେ ୩୫ ଜଣିଆ ଏକ କମିଟି ଗଠନ କରାଯାଇଥିଲା। ଶେଷରେ ବୁଦ୍ଧଖୋଲ ଉନ୍ନୟନ ସମିତିର ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ୬୬ ହିତାଧିକାରୀ ପାଇଲେ ଭତ୍ତା

ପୋଲସରା, ୫।୧ (ଡି.ଏନ୍,ଏ):

ପୋଲସରା ଏନଏସି କାର୍ଯ୍ୟାଳୟ ପରିସରରେ ଗୁରୁବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୬୬ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିବା ସହିତ ଜନସାଧାରଣଙ୍କ ସୁବିଧା ଲାଗି ରାଜ୍ୟ ସରକାର କରିଥିବା ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ନୂତନ ଭାବେ ଯୋଗ ଦେଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମୁର୍ମୁ, ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ନଗରପାଳ ସଂଗୀତା ବେହେରା, ଉପନଗରପାଳ ସନ୍ତୋଷ କୁମାର ବେହେରା, ଏମ୍ପିଙ୍କ ପ୍ରତିନିଧି ମୋତିରାମ ସାହୁଙ୍କ ସମେତ ସମସ୍ତ କାଉନସିଲର ଓ ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଶୀତ ମହୋତ୍ସବ ପୋଷ୍ଟର,ବ୍ୟାନର ଉନ୍ମୋଚିତ



ବ୍ୟାନର ପ୍ରଦର୍ଶନ କରାଯାଉଛି ।

ଦାରିଙ୍ଗବାଡ଼ି,୫।୧(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିଠାରେ ଆସନ୍ତା ୭ ତାରିଖ ଶନିବାର ସନ୍ଧ୍ୟାରେ ଶୀତ ମହୋତ୍ସବ ଉଦ୍‌ଘାଟନ ହେବା ଏ ନେଇ ଗୁରୁବାର ମହୋତ୍ସବ କମିଟିର ଚୂଡ଼ାନ୍ତ ବୈଠକ ସଭାପତି ତଥା ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କମିଟିର ସମ୍ପାଦକ ତଥା ବିଡିଓ ଗଦାଧର ପାତ୍ର ବିଭିନ୍ନ କମିଟିର ସଦସ୍ୟମାନଙ୍କ ନାମ ଘୋଷଣା କରିଥିଲେ। ଏହି ଅବସରରେ ମହୋତ୍ସବର ପ୍ରତୀକ, ପୋଷ୍ଟର ଏବଂ ବ୍ୟାନର ଉନ୍ମୋଚନ କରାଯିବା ସହ ପ୍ରଚାର ଗାଡ଼ିକୁ ବିଧାୟକ ଉଦଘାଟନ କରିଥିଲେ। ଏହି ମହୋତ୍ସବ ୫ ଦିନ ଧରି ଚାଲିବାକୁ ଥିବା ବେଳେ ପ୍ରତିଦିନ ମନ୍ତ୍ରୀ, ଏମ୍ପି, ଏମଏଲଏ, ପ୍ରଶାସନିକ ଅଧିକାରୀମାନେ ଅତିଥିଭାବେ ଯୋଗଦେବେ। ଏହି ଅବସରରେ ରବିବାର ରାଜ୍ୟସ୍ତରୀୟ କବି ସମ୍ମିଳନୀ କରାଯିବ ବୋଲି ବନାନୀ ସାହିତ୍ୟ ସଂସଦର ସମ୍ପାଦକ ବିଦେଶୀ ନାୟକ କହିଛନ୍ତି। ପ୍ରତିଦିନ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସେହିପରି କନ୍ଧମାଳ ଜିଲାର ବିଶିଷ୍ଟ କୁଇକବି ଜଳନ୍ଧର ବେହେରା ଏବଂ କଣ୍ଠଶିଳ୍ପୀ ଦିବ୍ୟଦିବାକାର, ସଙ୍ଗୀତ ନିର୍ଦ୍ଦେଶକ ରାଜକିଶୋର ପ୍ରଧାନ ପ୍ରମୁଖ କୁଇ ସଙ୍ଗୀତ ଗାନ କରିବା କାର୍ଯ୍ୟକ୍ରମ ରହିଛି ବୋଲି ବିଡିଓ ଗଦାଧର ପାତ୍ର ସୂଚନା ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇସି କୌଶିକ ମାଝି, ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ବିଇଓ ରସାନନ୍ଦ କର, ଯୋଗାଣ ନିରୀକ୍ଷକ ନିହାର ରଞ୍ଜନ ବେହେରା, ସିଡିପିଓ ଅଞ୍ଜଳି ବେହେରାଙ୍କ ସମେତ ବଣିକ ସଂଘ, ହୋଟେଲ ସଂଘ, ସରକାରୀ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଭଲିବଲ ଟୁର୍ନାମେଣ୍ଟ, ଛେଲିଗଡ଼ ବିଜୟୀ



ଭଲିବଲ ଟୁର୍ନାମେଣ୍ଟରେ ଯୋଗଦେଇଥିବା ଅତିଥି ଓ ଖେଳାଳି।

ଆର,ଉଦୟଗିରି, ୫।୧ (ଡି.ଏନ୍.ଏ):

ଗଜପତି ଉତ୍ସବ ପାଳନ ଅବସରରେ ବ୍ଲକସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ କେ.ଏମ. ଭାଲିଆସାହି ହାଇସ୍କୁଲ ଖେଳପଡ଼ିଆରେ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଆର. ଉଦୟଗିରି ବ୍ଲକ ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଡିଓ ଲାରିମନ ଖର୍ସେଲ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥୀ ଭାବେ ଜିଲାପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି, ସମସ୍ତ ସରପଞ୍ଚ, ସମିତି ସଭ୍ୟସଭ୍ୟା ପ୍ରମୁଖ ଯୋଗଦେଇଥିଲେ। ମ୍ୟାଚ୍‌ରେ ୧୭ଟି ଟିମ ଭାଗନେଇଥିଲେ। ସେଥିମଧ୍ୟରୁ ଛେଳିଗଡ଼ ଟିମ ବିଜୟୀ ହୋଇଥିଲା ବେଳେ ଓ ଶବରପୋଲି ଟିମ ରନର୍ସ ହୋଇଥିଲେ ।

# ଆଦିବାସୀ କଲେଜର କ୍ରୀଡ଼ା ପ୍ରତିଯୋଗିତା



କ୍ରୀଡା ପ୍ରତିଯୋଗିତାରେ ଉପସ୍ଥିତ ଅତିଥିମାନେ ।

ବାଲିଗୁଡା,୫।୧(ଡି.ଏନ.ଏ.)

ବାଲିଗୁଡା ଆଦିବାସୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀରେ ଉପଜିଲାପାଳ ଏମ. ମଧୁମିତା ମୁଖ୍ୟଅତିଥି ଓ ଏନ୍ଏସି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ସଭାପତିତ୍ୱ କରିଥିବା ବେଳେ ମହାବିଦ୍ୟାଳୟ କ୍ରୀଡାସଂଘର ଉପସଭାପତି ଅଧକ୍ଷ ନିଳାଞ୍ଚଳ ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ କ୍ରୀଡାବିତ ଭାବେ ମହିଳା ବିଭାଗର ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରିୟଲତା ନାୟକ ଓ ପୁରୁଷ ବିଭାଗର ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳା ଛାତ୍ର ମିହିର କୁମାର ନାୟକ ଏବଂ ବାଳିକା ବିଭାଗର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ଜିତା ମଲିକ ଓ ବାଳକ ବିଭାଗର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଶ୍ରବଣ ଦିଗାଳ ଚାମ୍ପିୟନ ବିବେଚିତ କରାଯାଇଛି । ମହାବିଦ୍ୟାଳୟର ପିଇଟି ଗଙ୍ଗାଧର ପଣ୍ଡା ପ୍ରତିଯୋଗିତା ପରିଚାଳନା କରିଥିଲେ।

# ଛତ୍ରପୁରକୁ ମ୍ୟୁନିସିପାଲିଟି ମାନ୍ୟତା ଅଟକିଛି

ଛତ୍ରପୁର,୫।୧(ଡି.ଏନ.ଏ)

ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁର ଏନ୍ଏସିକୁ ମ୍ୟୁନିସିପାଲିଟି ମାନ୍ୟତା ଦେବାକୁ ସରକାର ପଛଘୁଞ୍ଚା ଦେଇ ଚାଲିଛନ୍ତି। ଗତ ପୌର ନିର୍ବାଚନରେ ଛତ୍ରପୁର ଏନ୍ଏସି ଅଧକ୍ଷା ପଦବୀ ଶାସକ ବିଜେଡି ଦଳ ହାତରୁ ଚାଲିଯାଇଥିଲା । ତଥାପି ମଧ ଶାସକ ଦଳର ନିଦ ଭାଙ୍ଗିନାହିଁ। ରାଜ୍ୟ ସରକାର ଛତ୍ରପୁର ଏନ୍ଏସିକୁ ମ୍ୟୁନିସିପାଲିଟି ମାନ୍ୟତା ଖୁବ୍‌ଶୀଘ୍ର ପ୍ରଦାନ କରିବେ ବୋଲି ସ୍ଥାନୀୟ ଏମ୍ପି ଓ ତତ୍କାଳୀନ ଜିଲାପାଳ ଗଣମାଧମକୁ ନିର୍ବାଚନ ପୂର୍ବରୁ କହିଥିଲେ। ହେଲେ ଏ ଯାଏ ପଦକ୍ଷେପ ନିଆଯାଇନି।

ସରକାର ଏହା ଉପରେ ପଦକ୍ଷେପ ନେଇନାହାନ୍ତି। ୧୯୫୫ରେ ଛତ୍ରପୁର ଏନଏସି ଗଠନ ହୋଇଥିଲା । ୨୦୧୧ ଜନଗଣନା ଅନୁସାରେ ଏହାର ଜନସଂଖ୍ୟା ୨୨ ହଜାର ୨୭ ଥିଲା । ମ୍ୟୁନିସିପାଲିଟି ପାଇଁ ଜନସଂଖ୍ୟା ୨୫ ହଜାରରୁ ଉର୍ଦ୍ଧ୍ୱ ହେବା ଆବଶ୍ୟକ । ନିକଟବର୍ତ୍ତୀ ପଞ୍ଚାୟତର ଗାଁକୁ ମିଶାଇଲେ ଏହି ଜନସଂଖ୍ୟା ଆବଶ୍ୟକରୁ ଅଧିକ ହୋଇଛି । ହାଇକୋର୍ଟ ମଧ ଏସମ୍ବନ୍ଧୀୟ ପିଟିଶନର ଶୁଣାଣି କରି ଏହା ଉପରେ ପଦକ୍ଷେପ ନେବାକୁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ତତ୍କାଳୀନ ଜିଲାପାଳଙ୍କ ପକ୍ଷରୁ ଆବଶ୍ୟକୀୟ ତଥ୍ୟ ପଠାଯାଇଥିଲା । ଅଗସ୍ତିନୂଆଗାଁ ପଞ୍ଚାୟତର ଜିଏନ୍ ପାଲମ ଓ କଣମଣା ପଞ୍ଚାୟତର ପୁରୁଣା ଛତ୍ରପୁର ମିଶ୍ରଣ ପାଇଁ ପଞ୍ଚାୟତ ପକ୍ଷରୁ ଏନଏସି କର୍ତ୍ତୃପକ୍ଷଙ୍କୁ ସମ୍ମତିପତ୍ର ଦିଆଯାଇଥିଲା। ଏହାକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି। ୨୦୧୧ ଜନଗଣନା ଅନୁସାରେ ଜିଏନ୍ ପାଲମ ଜନସଂଖ୍ୟା ୧୯୫୪ ଓ ପୁରୁଣା ଛତ୍ରପୁର ଜନସଂଖ୍ୟା ୨୮୪୫ ରହିଥିଲା । ଏହି ଜନସଂଖ୍ୟାକୁ ମିଶାଇଲେ ଏନଏସି ଜନସଂଖ୍ୟା ୨୬ ହଜାରରୁ ଉର୍ଦ୍ଧ୍ୱ ହେବ, ଯାହାକି ମ୍ୟୁନିସିପାଲିଟି ମାନ୍ୟତା ପାଇଁ ମାନଦଣ୍ଡ ପୂରଣ କରୁଛି।

# ବସ୍ତିରିଗୁଡ଼ା ରାସ୍ତା ମରଣଯନ୍ତା



ରାସ୍ତାରେ ହୋଇଥିବା ଖାଲଖମା ।

ଆର.ଉଦୟଗିରି, ୫।୧ (ଡି.ଏନ୍.ଏ)

ଗଜପତି ଜିଲା ଆର.ଉଦୟଗିରି ବ୍ଲକର ଆର.ଉଦୟଗିରି ଖଜୁରିପଦା ମୁଖ୍ୟରାସ୍ତାରୁ ବସ୍ତିରିଗୁଡା ଗ୍ରାମ୍ୟ ରାସ୍ତା ମରଣଯନ୍ତା ପାଲଟିଛି। ୨୦୧୪ରେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଏହି ରାସ୍ତାକାମ ହୋଇଥିଲା। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଏହି ରାସ୍ତାରେ ମାଟି ମଧ ପଡିନାହିଁ। ଫଳରେ ରାସ୍ତାସାରା ଖାଲଖମାରେ ଭର୍ତ୍ତି। ୧୦ଟି ଗ୍ରାମକୁ ସଂଯୋଗ କରୁଥିବା ଏହି ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ଯାତାୟତ କରୁଥିବା ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେବା ସହ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପ୍ରଧାନମନ୍ତ୍ରୀ ସଡକ ଯୋଜନାର ରାସ୍ତା କାମ ସରିବା ପରେ ୫ ବର୍ଷ ପର୍ଯ୍ୟନ୍ତ ଏହାର ମରାମତି କରିବା କଥା। ମାତ୍ର ପ୍ରଶାସନ କି ଠିକାଦାର କେହି ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି। ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ ପାଣି ଜମି ଦୁର୍ଘଟଣା ଘଟୁଛି। ରାସ୍ତା ମରାମତି କାମ ଅତି ନିମ୍ନମାନର ହୋଇଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତା ମରାମତି ତୁରନ୍ତ କରାନଗଲେ ଆଗାମୀ ଦିନରେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଶୁଭଶ୍ରୀ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି ସେହି ରାସ୍ତାକାମ ପାଇଁ ଟେଣ୍ଡର ସରିଛି। ଅତିଶୀଘ୍ର ମରାମତି କାମ ଆରମ୍ଭ ହେବ।

# ଗଞ୍ଜାମ ଜିଲା ଦୌରାଜଜ୍‌ଙ୍କ ଦିଗପହଣ୍ଡି ଗସ୍ତ

ଦିଗପହଣ୍ଡି,୫।୧(ଡିଏନଏ)

ଗଞ୍ଜାମ ଜିଲା ଦୌରାଜଜ ଆନନ୍ଦ ଚନ୍ଦ୍ର ବେହେରା ଗୁରୁବାର ଦିଗପହଣ୍ଡି ଗସ୍ତ କରିଛନ୍ତି। ଦିଗପହଣ୍ଡିରେ ସବ୍‌ଜଜ୍ କୋର୍ଟ ଖୋଲିବା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ କ୍ରମେ ଆବଶ୍ୟକ ଭିତ୍ତିଭୂମି ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଗଞ୍ଜାମ ଜିଲା ଦୌରାଜଜ ଦିଗପହଣ୍ଡି କୋର୍ଟରେ ପହଞ୍ଚି ସବିଶେଷ ରିପୋର୍ଟ ସଂଗ୍ରହ କରିଛନ୍ତି। ସବଜଜ କୋର୍ଟ ଖୋଲିବା ପାଇଁ ଆବଶ୍ୟକୀୟ କୋର୍ଟ ହଲ, ଅଫିସ ରୁମ୍, ବିଚାରପତଙ୍କ ଚ୍ୟାମ୍ବର ଆଦି ସଂକ୍ରାନ୍ତରେ ଓକିଲ ସଂଘର କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ଜିଲାର ଦିଗପହଣ୍ଡି, ହିଞ୍ଜିଳି ଏବଂ ପୁରୁଷୋତ୍ତମପୁରଠାରେ ସବ୍‌ଜଜ କୋର୍ଟ ଏକକାଳୀନ ଖୋଲିବା ପାଇଁ ଉଚ୍ଚ ନ୍ୟାୟାଳୟ ଚାହୁଁଥିବା ଜଣାପଡିବା ପରେ ଓକିଲ ସଂଘ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି। ଏପରିକି କୋର୍ଟ ଖୋଲିବା ପାଇଁ ସଂଘ ତାହାର ନିଜସ୍ୱ କାର୍ଯ୍ୟାଳୟର ତଳ ମହଲାକୁ ହସ୍ତାନ୍ତର କରିବାକୁ ମଧ ସମ୍ମତି ପ୍ରଦାନ କରିଛି। ଶୁକ୍ରବାର ସଂଘର ଜରୁରୀ ବୈଠକ ବସି ଏ ସମ୍ପର୍କରେ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯିବ ବୋଲି ଓକିଲ ସଂଘ ସଭାପତି ଏ.ସୋମେଶ୍ୱର ରାଓ ଜଣାଇଛନ୍ତି। ଜିଲାଜଜ୍‌ଙ୍କ ସହ ଆଲୋଚନା ସମୟରେ ବ୍ରହ୍ମପୁର କୋର୍ଟର ରେଜିଷ୍ଟ୍ରାର ସୁଶାନ୍ତ କୁମାର ମିଶ୍ର, କୋର୍ଟ ମ୍ୟାନେଜର ମୋନାଲିସା ମହାପାତ୍ର, ଦିଗପହଣ୍ଡି ମାଜିଷ୍ଟ୍ରେଟ ପ୍ରିୟଦର୍ଶିନୀ ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ପ୍ରଭାକର ରାଉତ, ରସାନନ୍ଦ ରାଉତ, ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ରତ୍ନାକର ମେକାପ, ପରେଶ ଚନ୍ଦ୍ର ରଥଙ୍କ ସମେତ ସମ୍ପାଦକ ପ୍ରହଲ୍ଲାଦ ପ୍ରଧାନ, ଅଶେଷ ନାଥ ମିଶ୍ର, ହରପ୍ରସାଦ ରଥ, ସନ୍ତୋଷ କୁମାର ସାହୁ, ମନୋରଞ୍ଜନ ପଣ୍ଡା, ରଞ୍ଜନ କୁମାର ବେହେରା, ହେମନ୍ତ କୁମାର ପାଣିଗ୍ରାହୀ, ସୀମାଞ୍ଚଳ ପ୍ରଧାନ, ପ୍ରିୟରଞ୍ଜନ ପଟ୍ଟନାୟକ, ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।




ଓକିଲମାନଙ୍କ ସହ ଜିଲା ଦୌରାଜଜ ଆଲୋଚନା କରୁଛନ୍ତି।

